# ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ

## ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର,ସୁନ୍ଦରଗଡ

## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ,ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୦୬ , ବୁଲେଟିନ ନମ୍ବର-୧୧, ତାରିଖ :୦୬।୦୨।୨୦୨୪,ମଙ୍ଗଳ ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୦୭.୦୨.୨୦୨୪–୧୧.୦୨.୨୦୨୪ ,ବୁଧ ବାର-ରବି ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା (୨୮-୩୩ $^{0}$C) ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୪ -୧୬ $^{0}$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୩୩ –୬୯%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୧୫ –୨୭ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ସୁନ୍ଦରଗଡ | ୦୭-୦୨-୨୦୨୪ | ୦ | ୩୩ | ୧୬ | ୦ | ୬୯ | ୨୬ | ୮ | ୨୭ |
| | ୦୮-୦୨-୨୦୨୪ | ୦ | ୩୨ | ୧୫ | ୦ | ୪୨ | ୨୭ | ୭ | ୧୩୫ |
| | ୦୯-୦୨-୨୦୨୪ | ୦ | ୩୧ | ୧୪ | ୧ | ୩୩ | ୨୦ | ୯ | ୨୯୨ |
| | ୧୦-୦୨-୨୦୨୪ | ୦ | ୨୯ | ୧୪ | ୪ | ୩୩ | ୧୫ | ୭ | ୭୦ |
| | ୧୧-୦୨-୨୦୨୪ | ୭ | ୨୮ | ୧୬ | ୭ | ୩୯ | ୧୭ | ୬ | ୭୨ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ :ଶ୍ରୀ ଧାନ :** ଧାନ ନର୍ସରୀ ପ୍ରସ୍ତୁତ କରନ୍ତୁ ଏବଂ ମୁଖ୍ୟ କ୍ଷେତରେ ୧୦୧୨ ଦିନ ପୁରୁଣା ବିହନ ପ୍ରତିରୋପଣ କରନ୍ତୁ ।

**ଡାଲୁଅ ଧାନ :** ପ୍ରତି ୩ ବର୍ଷରେ ବିହନ ବଦଳାନ୍ତୁ । ବିହନ ଗଜା ପରୀକ୍ଷା କରି ବୁନନ୍ତୁ ।

**ଧାନ ତଳି ପରିଚାଳନା :**

ନର୍ସରୀରେ ହାଲୁକା ଜଳସେଚନ ପ୍ରୟୋଗ କରନ୍ତୁ ।

ବିହନ ବୁଣିବାର ୧୫ ଦିନ ପରେ ଧାନ ନର୍ସରୀରେ ଛିଡା ଜଳ ରଖନ୍ତୁ | ୧୫ ଦିନରେ ବିହନର ସଠିକ୍ ଶକ୍ତି ପାଇଁ ୪ କିଲୋଗ୍ରାମ ୟୁରିଆ ପ୍ରୟୋଗ କରନ୍ତୁ ।

ଜାନୁଆରୀ ମାସ ଶେଷରେ ନର୍ସରୀ ପ୍ରସ୍ତୁତି କାର୍ଯ୍ୟ ଶେଷ କର ।

ଏଥିପାଇଁ ହାଲୁକା ଏବଂ ମଧ୍ୟମ କିସମର ମଞ୍ଜି ବ୍ୟବହାର କରନ୍ତୁ ।

ଶେଷ ଚାଷ ସମୟରେ, ୪୦ ଟୋକେଇ ଗୋବର ଖତ, ୧୨ କିଲୋଗ୍ରାମ ସିଙ୍ଗଲ୍ ସୁପର ଫସଫେଟ୍ ଏବଂ ୦୨ କିଲୋଗ୍ରାମ ମୁରିଏଟ୍ ପୋଟାଶ୍ ସାର ମାଟିରେ ମିଶାନ୍ତୁ ।

**ଅଧିକ ଅମଳକ୍ଷମ ଡାଲି ଚାଷ :**

ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା :-ମୁଗ କିସମ ଆଇପିଏମ -୦୨-୧୪ (୬୫ ଦିନ ), ଆଇପିଏମ -୦୨-୩ (୬୫ ଦିନ ),ପିଡ଼ିଏମ -୧୧ (୬୫ ଦିନ), ),ପିଡ଼ିଏମ -୫୪ (୬୦ ରୁ ୬୫ ଦିନ ),ଦୁର୍ଗା (୬୦ ରୁ ୬୫ ଦିନ),ସମ୍ରାଟ (୬୫ ରୁ ୭୦ ଦିନ ),କେ -୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ – ସାରଳା (୬୫ ରୁ ୭୦ ଦିନ),ପିୟୁ -୩୧(୭୦ ଦିନ), ପିୟୁ -୩୦(୬୫ ରୁ ୭୦ ଦିନ), ପିୟୁ -୩୫(୬୫ ରୁ ୭୦ ଦିନ), ପିୟୁ -୧୯(୬୫ ରୁ ୭୦ଦିନ) ଆଦି ବିହନ ଗୁଡିକୁ ସଂଗ୍ରହ କରି ଜମିରେ ବୁଣନ୍ତୁ ହେକ୍ଟର ପ୍ରତି ୨୫ କିଲୋଗ୍ରାମ ବିହନ ଆବଶ୍ୟକ ଅଟେ ବିହନକୁ ବିଶୋଧନକରି ବୀଜାଣୁ କଲଚର(୫୦୦ଗ୍ରାମ ) ଉପଚାର କରି ଧାଡିରେ ବୁଣନ୍ତୁ

**ଭେଣ୍ଡି ଚାଷ :**

ଭେଣ୍ଡି ର ଉନ୍ନତ କିସମଗୁଡିକ ହେଉଛି ଆର୍କା ଅଭୟ ,ଉତ୍କଳ ଗୌରବ ,ଆର୍କା ଅନାମିକା ଏବୌଁ ପୁଷା –ଏ -୪

ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେମି *୩୦ ସେମି ରହିବା ଦରକାର

ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡି ଭଲ ଶଢା ଗୋବର ଖତ ସହ ୮୦ କିଗ୍ରା ଯବକ୍ଷାରଜାନ ,୪୦ କିଗ୍ରା ଫସ୍ଫରସ ଏବୌଁ ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ

**ଆଳୁ :**

ମେଘୁଆ ପାଗ ଯୋଗୁଁ ଆଳୁରେ ଜଉପୋକ ଲାଗିବାର ସମ୍ଭାବନା ରହିଛି ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକ ଲିଟର ପାଣିରେ ୪ ମିଲି ନିମ୍ବ ଜାତୀୟ କୀଟ ନାଶକ ଔଷଧ କିମ୍ବା ୨ ମିଲି ଡାଇମିଥୋଏଟ ମିଶାଇ ସିଞ୍ଚନ କରନ୍ତୁ

ଆଳୁରେ କର୍ତ୍ତକ କୀଟ ଲାଗୁଥିଲେ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ କିମ୍ବା ଫୋସଲୋନ ଟ୍ରାୟୋଜୋଫସ ଉପରବେଳା ପତ୍ର ସିଞ୍ଚନ କରନ୍ତୁ ଏଗୁଡିକ ଅନ୍ୟ କିଆରୀକୁ ମାଡି ନ ଯିବା ପାଇଁ ହିଡରେ କ୍ଲୋରୋପାଇରିଫସ ଶତକଡା ୧ ଭାଗ ଗୁଣ୍ଡ ବହକ ଭାବରେ ପ୍ରୟୋଗ କରନ୍ତୁ

**ଝୁଡଙ୍ଗ :**

ଝୁଡଙ୍ଗ ଚାଷ ପାଇଁ ଫେବ୍ରୁୟାରୀ ରୁ ମାର୍ଚ୍ଚ ମାସ ପ୍ରକୃଷ୍ଟ ସମୟ ଅଟେ

ଏହି ଚାଷ ପାଇଁ ଅର୍କ ଅର୍ଜୁନ ,ପୂଷା କୋମଲ ଏବୌଁ ପୁଷା ଫାଲଗୁନି, ଆଦି ବିହନ ଗୁଡିକୁ ବ୍ୟବହାର କରନ୍ତୁ

ଏହି ଚାଷ ପାଇଁ ଜମି ଗୁଣ୍ଡ ଚାଷ ହୋଇଥିବା ଦରକାର

ଏକର ପ୍ରତି ଗୋବର ଖତ ସହ ୨୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ ଓ ୨୦ କିଗ୍ରା ପଟାସ ସାର କୁ ଶେଷ ଓଡ଼ ଚାଷ ବେଳେ ପ୍ରୟୋଗ କରନ୍ତୁ

ଧାଡି କୁ ଧାଡ଼ି ୩୦ ସେମି ଓ ମଞ୍ଜି କୁ ମଞ୍ଜି ୧୦ ସେମି ବ୍ୟବଧାନ ରଖନ୍ତୁ

**ଚିନାବାଦାମ :**

ରବି ଚିନାବାଦାମ ରେ ଉକକୁଣିଆ ପୋକ ଲାଗିଥିଲେ ଏହାର ଦମନ ପାଇଁ ଏକର ପ୍ରତି ଟ୍ରାଇଜୋଫସବିକ୍ରମ କେଶରୀ ପାଣି ୪୦୦ ଏମ ଏଲ ୫୦ ମିଲି ଇମିଡ଼ାକ୍ଲୋପ୍ରିଡ ମିଶାଇ ସିଞ୍ଚନ କରନ୍ତୁ

**ମକା :**

ମକା ଫସଲ ୨-୩ ସପ୍ତାହର ହୋଇଗଲେ କୋଡାଖୁସା କରି ଘାସ ବାଛନ୍ତୁ ।

ଘାସ ବଛା ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ଗଛଠାରୁ ୫ସେମି ଛାଡି ଧାଡିରେ ପ୍ରୟୋଗ କରନ୍ତୁ ଓ ହୁଡା ଟେକନ୍ତୁ ।

ମାଟିର ବତର କୁ ଚାହିଁ ଜଳସେଚନ କରନ୍ତୁ ।

କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ ।

**ସୂର୍ଯ୍ୟାମୁଖୀ :**

ଏବେଠାରୁ ଖରାଦିନିଆ ସୂର୍ଯ୍ୟାମୁଖୀ ପାଇଁ ଜମି ପ୍ରସ୍ତୁତ କରନ୍ତୁ

ଉନ୍ନତ କିସମ ପାଇଁ ସନରାଇଡ ମୋରଡେନ ଓ ଶଙ୍କର ଜାତୀୟ ପାଇଁ ଏମ ଏସ ଏଫ ଏଚ -୧୭ କେ ବି ଏସ ଏଚ -୧ ପି ଏ ସି -୩୬ ପିଏସି -୧୦୯୧ ଆଦି ବିହନ ସଂଗ୍ରହ କରନ୍ତୁ

ରବି ସୂର୍ଯ୍ୟାମୁଖୀ ବୁଣିବାର ୨୧-୩୦ ଦିନ ର ହୋଇଥିଲେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ ଏକର ପ୍ରତି ଉନ୍ନତ କିସମ ହୋଇଥିଲେ ୩ କିଗ୍ରା ଓ ଶଙ୍କର ଜାତୀୟ ପାଇଁ ୬ କିଗ୍ରା ହିସାବରେ ଯବକ୍ଷାରଜାନ ପ୍ରଥମ ଶୀର୍ଷ ସାର ରୂପେ ଗ୍ରହଣ କରନ୍ତୁ

ଫସଲରେ ଉଇ ଜନିତ ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ୨୦ ଇସି ମିଶାଇ ମାଟିକୁ ଭଲଭାବରେ ଭିଜାଇ ଦିଅନ୍ତୁ

**କୁକୁଡ଼ା ପାଳନ :**

କୁକୁଡାଙ୍କର ନାଲି ଝାଡା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲ କୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ

କୁକୁଡାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ମଧ୍ୟରେ ଲାସୋଟା ପ୍ରତିଷେଧକ ଟୀକା ଏବୌଁ ୧୩-୧୫ ଦିନ ମଧ୍ୟରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ

**ମାଛ ଚାଷ :**

ବିଷାକ୍ତ ପ୍ରଭାବକୁ ନିବାରଣ କରି ମାଛ ଉତ୍ପାଦନରେ ଚୂନ ବହୁବିଧ ଉପକାରୀ ଭାବେ ସାବ୍ୟସ୍ତ ହୁଏ

ଚୂନ ପ୍ରୟୋଗ ଫଳରେ ପୋଖରୀରେ ଅଙ୍ଗାର ଆମ୍ଳୀକରଣରେ ସହାୟ ହୁଏ ଏବୌଁ ବିଭିନ୍ନ ରୋଗକାରୀ ଜୀବାଣୁ ମାନଙ୍କୁ ଦମନ କରି ପରିବେଶ ନିରୋଗ ରଖେ

ଶୀତଦିନେ ମାଛମାନେ ଶିଥିଳ ହୋଇଯାନ୍ତି ସୂର୍ଯ୍ୟକିରଣ ପ୍ରଖର ହେଲେ ଯାଇ ପୋଖରୀରେ ଆବଶ୍ୟକତା ଅନୁଯାୟୀ ଖାଦ୍ୟ ପ୍ରୟୋଗ କଲେ ମାଛମାନେ ଖାଦ୍ୟକୁ ଗ୍ରହଣ କରନ୍ତି

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ଡିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍।ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google. com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି  ଶାଖା  ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉେଅଛି |**

*ନୋଡାଲ ଅଫିସର, କିରେଇ*